# NATIONAL NEWS BULLETIN (ODIA)

## 26th April - 2026

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଜନଗଣନା ପ୍ରକ୍ରିୟା ନାଗରିକଙ୍କ ଦାୟିତ୍ୱ ଓ ଏଥିରେ ସମସ୍ତେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

- ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନପାଇଁ ଆସନ୍ତାକାଲି ଶେଷ ହେଉଛି ପ୍ରଚାର ।

- ସିକ୍କିମ୍‌କୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

- ୟୁ.ଏ.ଇ. ରାଷ୍ଟ୍ରପତି ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଚଳିତ ଜନଗଣନା ପ୍ରକ୍ରିୟା କେବଳ ଏକ ସରକାରୀ କାର୍ଯ୍ୟ ନୁହେଁ; ବରଂ ସମସ୍ତ ନାଗରିକଙ୍କ ଦାୟିତ୍ୱ ଏବଂ ସମସ୍ତଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆକାଶବାଣୀରେ ତାଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି, ୨୦୨୭ ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ରକ୍ରିୟାରେ କରାଯାଉଛି, ଯେଉଁଥିରେ ନାଗରିକମାନେ ଜନଗଣନାକାରୀଙ୍କ ଗସ୍ତ ପୂର୍ବରୁ ମୋବାଇଲ୍ ଆପ୍ ମାଧ୍ୟମରେ ସ୍ୱ-ଗଣନା କରିପାରୁଛନ୍ତି । ଏ ପର୍ଯ୍ୟନ୍ତ ୧କୋଟି ୨୦ଲକ୍ଷ ପରିବାରର ଗୃହଗଣନା ଶେଷ ହୋଇଥିବା ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି । ତଥ୍ୟ ସୁରକ୍ଷା ଏବଂ ଗୋପନୀୟତା ସୁନିଶ୍ଚିତ କରି ଜନସାଧାରଣ ଏହି ପ୍ରକ୍ରିୟାରେ ଅଧିକରୁ ଅଧିକ ଅଂଶଗ୍ରହଣକୁ କରିବାକୁ ଶ୍ରୀ ମୋଦି ଆହ୍ୱାନ ଦେଇଛନ୍ତି ।

***Voice (PM - Census)*** :……

ତାମିଲନାଡୁର କଲ୍ପକମ୍‌ରେ ଫାଷ୍ଟ ବ୍ରିଡର ରିଆକ୍ଟର ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶର ପରମାଣୁ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିଛନ୍ତି । କଲ୍ପକମ୍‌ରେ ପ୍ରଥମ ବ୍ରିଡର ରିଆକ୍ଟର ଦେଶର ପ୍ରଥମ ଆତ୍ମନିର୍ଭରଶୀଳ ପରମାଣୁ ଶୃଙ୍ଖଳର ସଫଳତାକୁ ଦର୍ଶାଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଭାରତର ପରମାଣୁ ଶକ୍ତି ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ । ଏହି ରିଆକ୍ଟର ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ

ଏବଂ ଭବିଷ୍ୟତରେ ଇନ୍ଧନ ଉତ୍ପାଦନ କରିପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ନବୀକରଣୀୟ ଶକ୍ତି ଉପରେ ଆଲୋଚନାପୂର୍ବକ ଶ୍ରୀ ମୋଦୀ କହିଛନ୍ତି, ଭାରତର ପବନ ଶକ୍ତି କ୍ଷମତା ୫୬ ଗିଗାୱାଟ ଅତିକ୍ରମ କରିଛି ଏବଂ ଗତବର୍ଷ ଅଧିକ ୬ ଗିଗାୱାଟ ଉତ୍ପାଦନ ହୋଇଛି। ଏ କ୍ଷେତ୍ରରେ ଭାରତ ବର୍ତ୍ତମାନ ବିଶ୍ୱସ୍ତରରେ ଚତୁର୍ଥ ସ୍ଥାନରେ ରହିଛି ।

ଭାରତୀୟ ପନିରର ବିଶ୍ୱସ୍ତରୀୟ ସ୍ୱୀକୃତି ବିଷୟରେ ଆଲୋଚନା କରି ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଭାରତ ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ମନ୍ କୀ ବାତ୍‌ରେ କହିଛନ୍ତି ।

ମନ୍ କି ବାତ୍‌ରେ ଶ୍ରୀ ମୋଦୀ ବୁଦ୍ଧ ପୂର୍ଣ୍ଣିମା ପାଇଁ ଶୁଭେଚ୍ଛା ଜଣାଇବା ଅବସରରେ ଭଗବାନ ବୁଦ୍ଧଙ୍କ ଶିକ୍ଷାର ବିଶ୍ୱସ୍ତରୀୟ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଛନ୍ତି ।

ଆସନ୍ତା ମାସ ୨ ତାରିଖରେ ଦେଶ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀ ପାଳନ କରିବା ପୂର୍ବରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାଷ୍ଟ୍ର ନିର୍ମାଣରେ ତାଙ୍କର ଅବଦାନକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ମଇ ମାସ ସମସ୍ତଙ୍କୁ ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ସ୍ମରଣ କରାଇଥାଏ । ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ସମ୍ମାନ ଜଣାଇବା ସହିତ ଲୋକମାନଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ ପାଇଁ ଆହ୍ୱାନ ଦେଇଥିଲେ ।

# ଡବ୍ଲୁ.ବି. - କ୍ୟାମ୍ପେନିଂ

ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନପାଇଁ ଆସନ୍ତାକାଲି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ବିଭିନ୍ନ ରାଜନୈତିକ ଦଳର ପ୍ରମୁଖ ନେତାମାନେ ଭୋଟର୍‌ମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆକୃଷ୍ଟ କରିବାପାଇଁ ଶେଷ ପ୍ରୟାସ ଜାରି ରଖିଛନ୍ତି ।

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ହୁଗୁଳି ଜିଲ୍ଲାର ଆରମ୍‌ବାଗ୍ ଏବଂ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବନ୍‌ଗାଓଁରେ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି । ତୃଣମୂଳ କଂଗ୍ରେସର ଦୁର୍ନୀତି ଏବଂ ଶାସନରେ ବିଫଳତା ଲୋକମାନଙ୍କୁ ବି.ଜେ.ପି. ପ୍ରତି ଆକୃଷ୍ଟ କରୁଛି ବୋଲି ସେ କହିଛନ୍ତି । କୃଷକ କଲ୍ୟାଣକୁ ତାଙ୍କ ଦଳର ପ୍ରମୁଖ ପ୍ରାଥମିକତା ବୋଲି କହିବା ସହ ବି.ଜେ.ପି. ନେତୃତ୍ୱାଧୀନ କେନ୍ଦ୍ର ସରକାର ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ ଦ୍ୱିଗୁଣିତ କରିବା ସହ କ୍ରୟ ତିନିଗୁଣ ବୃଦ୍ଧି କରିଛନ୍ତି । ଗହମ ଏବଂ ଚାଉଳ ପାଇଁ ଝୋଟର ପ୍ୟାକେଜିଂକୁ ବାଧ୍ୟତାମୂଳକ କରିଛନ୍ତି । ପଶ୍ଚିମବଙ୍ଗରେ ଝୋଟର ଚାହିଦା ବୃଦ୍ଧିପାଇଁ ଏକକ ବ୍ୟବହାର ପ୍ଲାଷ୍ଟିକ୍‌କୁ ନିଷେଧ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ରାଜ୍ୟରେ ତୃଣମୂଳ କଂଗ୍ରେସ ସରକାରଙ୍କ ସମୟରେ ମହିଳାମାନେ ସବୁଠାରୁ ଅସୁରକ୍ଷିତ ବୋଲି ଶ୍ରୀ ମୋଦି ଅଭିଯୋଗ କରିଛନ୍ତି । ସନ୍ଦେଶଖାଲି ଘଟଣାକୁ ଉଲ୍ଲେଖ କରି

ସ୍ଥାନୀୟ ଅସାମାଜିକ ତତ୍ତ୍ୱମାନେ ରାଜ୍ୟ ସରକାରଙ୍କ ସମର୍ଥନରେ ମହିଳାମାନଙ୍କ ପ୍ରତି ଅନ୍ୟାୟ କରୁଥିବାର ସେ କହିଛନ୍ତି ।

*Voice (PM - TMC)* :........

ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ ନଦିୟା ଜିଲ୍ଲାର ତେହେଟ୍ଟାଠାରେ ଏକ ର୍‍ୟାଲିକୁ ସମ୍ବୋଧିତ କରିଛନ୍ତି । ରାଜ୍ୟରେ ବି.ଜେ.ପି. ସରକାର ଗଠନ କଲେ ଆସନ୍ତା ମଇ ମାସରୁ ମହିଳାମାନଙ୍କ ପାଇଁ ମାସିକ ୩ ହଜାର ଟଙ୍କା, ବେକାର ଯୁବକଙ୍କପାଇଁ ୩ ହଜାର ଟଙ୍କା ଏବଂ ଶିଶୁଯତ୍ନପାଇଁ ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କୁ ୨୧ ହଜାର ଟଙ୍କା ସହାୟତା ପ୍ରଦାନ କରିବାକୁ ଶ୍ରୀ ଶାହା ପ୍ରତିଶ୍ରୁତି ଦେଇଛନ୍ତି ।

ତୃଣମୂଳ କଂଗ୍ରେସ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ନିଜ ନିର୍ବାଚନ ମଣ୍ଡଳି ଭବାନୀ ପୁରରେ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ପୂର୍ବ ବର୍ଦ୍ଧମାନ ଜିଲ୍ଲାର ପୂର୍ବସ୍ଥଳୀ ଉତ୍ତରରେ ଏକ ର୍‍ୟାଲିରେ ଯୋଗ ଦେଇଥିଲେ ।

ରାଜ୍ୟରେ ଆସନ୍ତା ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୋଟ୍ ଗ୍ରହଣ ହେବ । ପ୍ରଥମ ପର୍ଯ୍ୟାୟ ମତଦାନ ଗତ ଗୁରୁବାର ଦିନ ହୋଇଥିଲା ।

ଆସନ୍ତା ମାସ ୪ ତାରିଖରେ ପଶ୍ଚିମବଙ୍ଗ ସମେତ କେରଳ, ତାମିଲନାଡୁ, ଆସାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଭୋଟ୍ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ।

# ପି.ଏମ୍. - ସିକ୍କିମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲିଠାରୁ ସିକ୍କିମ୍‌କୁ ଦୁଇଦିନିଆ ଗସ୍ତରେ ଯିବେ । ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ଗ୍ୟାଙ୍ଗ୍‌ଟକ୍‌ର ଅର୍କିଡାରିଅମ୍ ପରିଦର୍ଶନ କରିବେ । ସେଠାରେ ରାଜ୍ୟର ପରିବେଶଗତ ଏବଂ ପୁଷ୍ପ ଐତିହ୍ୟକୁ ପ୍ରଦର୍ଶନ କରିବାପାଇଁ ବିଶ୍ୱସ୍ତରୀୟ ଅର୍କିଡ୍ କେନ୍ଦ୍ର ରହିଛି । ପ୍ରଧାନମନ୍ତ୍ରୀ ପାଲ୍‌ଜୋର୍ ଷ୍ଟାଡିୟମ୍‌ରେ ସିକ୍କିମ୍‌ର ୫୦ତମ ରାଜ୍ୟ ପ୍ରତିଷ୍ଠାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ । ଏହି ଅବସରରେ ଶ୍ରୀ ମୋଦି ରାଜ୍ୟପାଇଁ ୪ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦ୍‌ଘାଟନ, ଶୁଭାରମ୍ଭ ଓ ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭିତ୍ତିଭୂମି, ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଶକ୍ତି, ସହରାଞ୍ଚଳ ବିକାଶ, ପରିବେଶ, ପର୍ଯ୍ୟଟନ ଏବଂ କୃଷି ସମେତ ବିଭିନ୍ନ କ୍ଷେତ୍ର ରହିଛି । ପ୍ରଧାନମନ୍ତ୍ରୀ ନାମ୍‌ଚି ଜିଲ୍ଲାର ୟଙ୍ଗାଙ୍ଗ୍‌ଠାରେ ୧୦୦ ଶଯ୍ୟାବିଶିଷ୍ଟ ଆୟୁର୍ବେଦ ହସ୍ପିଟାଲ୍ ଏବଂ ଏନ୍.ଆଇ.ଟି. ଦେଓରାଲିଠାରେ ୩୦ ଶଯ୍ୟାବିଶିଷ୍ଟ ସମନ୍ୱିତ ସୋୱା ରିଗ୍‌ପା ହସ୍ପିଟାଲ୍‌ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ନାମ୍‌ଚି ଓ ଗ୍ୟାଙ୍ଗ୍‌ଟକ୍ ଜିଲ୍ଲାକୁ ସଂଯୋଗ କରୁଥିବା ସିର୍‌ୱାନି ଏବଂ ଲୋୟର ସାମ୍‌ଡଙ୍ଗ୍‌ରେ ତିସ୍ତା ନଦୀ ଉପରେ ୨ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

# ପି.ଏମ୍. - ୟୁ.ପି. ଭିଜିଟ୍

ପ୍ରଧାନମନ୍ତ୍ରୀ ମଙ୍ଗଳବାରଠାରୁ ଦୁଇଦିନିଆ ଉତ୍ତର ପ୍ରଦେଶ ଗସ୍ତରେ ଯିବେ । ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ମୋଦି ବାରାଣସୀରେ ମହିଳା ସମ୍ମିଳନୀରେ ଯୋଗଦେବା ସହ ୬ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ବନାରସ-ପୁଣେ (ହଡ଼ପ୍‌ସର) ଏବଂ ଅଯୋଧ୍ୟା-ମୁମ୍ବାଇ (ଲୋକମାନ୍ୟ ତିଳକ ଟର୍ମିନସ୍) ଭଳି ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିବେ । ବୁଧବାର ଦିନ ପ୍ରଧାନମନ୍ତ୍ରୀ ଶ୍ରୀକାଶୀ ବିଶ୍ୱନାଥ ମନ୍ଦିରରେ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବେ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ହର୍‌ଦୋଇ ଗସ୍ତ କରି ସେଠାରେ ଗଙ୍ଗା ଏକ୍ସପ୍ରେସ୍ ୱେର ଉଦ୍‌ଘାଟନ କରିବେ । ୩୬ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ନିର୍ମିତ ଏହି ୬ ଲେନ୍‌ବିଶିଷ୍ଟ ଏକ୍ସପ୍ରେସ୍ ୱେ ୫୯୪ କିଲୋମିଟର ଦୀର୍ଘ ଯାହା ୮ ଲେନ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇପାରିବ । ଏହା ଏକ ପ୍ରବେଶ ନିୟନ୍ତ୍ରିତ ଗ୍ରୀନ୍ ଫିଲ୍‌ଡ୍ ହାଇସ୍ପିଡ୍ କରିଡର । ମିରଠ ଏବଂ ପ୍ରୟାଗରାଜ ମଧ୍ୟରେ ଯାତ୍ରା ସମୟ ବର୍ତ୍ତମାନର ୧୦ରୁ ୧୨ ଘଣ୍ଟାରୁ ୬ ଘଣ୍ଟାକୁ ହ୍ରାସ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି । ଏହି ପ୍ରକଳ୍ପର ଅନ୍ୟ ଏକ ପ୍ରମୁଖ ଆକର୍ଷଣ ହେଉଛି - ଶାହାଜାହାଁପୁର

ଜିଲ୍ଲାରେ ସାଢ଼େ ୩ କିଲୋମିଟର ଦୈର୍ଘ୍ୟବିଶିଷ୍ଟ  ଜରୁରୀକାଳୀନ ବିମାନ ଅବତରଣ ସ୍ଥଳୀ ।

## ପ୍ରେଜ୍ - ଏଚ୍.ପି. ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ପାଇଁ ପାଞ୍ଚଦିନିଆ ହିମାଚଳ ପ୍ରଦେଶ ଗସ୍ତରେ ଯିବେ । ଗସ୍ତ ସମୟରେ ରାଷ୍ଟ୍ରପତି ସିମ୍ଲାର ମଶୋବ୍ରାଠାରେ ଥିବା ରାଷ୍ଟ୍ରପତି ନିବାସରେ ଅବସ୍ଥାନ କରିବେ । ବୁଧବାର ଦିନ ରାଷ୍ଟ୍ରପତି ସିମ୍ଲାର ଲୋକଭବନରେ ହିମାଚଳ ପ୍ରଦେଶ ରାଜ୍ୟପାଳଙ୍କଦ୍ୱାରା ଆୟୋଜିତ ଏକ ଭୋଜିରେ ଯୋଗଦେବେ । ଗୁରୁବାର ଦିନ ରାଷ୍ଟ୍ରପତି ଅଟଳ ଟନେଲ୍ ପରିଦର୍ଶନ କରିବା ସହ ଶୁକ୍ରବାର ପାଲମ୍ପୁରସ୍ଥିତ ଚୌଧୁରୀ ସର୍ବନ୍ କୁମାର ହିମାାଚଳ ପ୍ରଦେଶ କୃଷି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଆସନ୍ତା ମାସ ପହିଲାରେ ତାଙ୍କ ଗସ୍ତର ଶେଷଦିନରେ ରାଷ୍ଟ୍ରପତି ସିମ୍ଲାରେ ଥିବା ଆର୍ମି ଟ୍ରେନିଂ କମାଣ୍ଡ ମଧ୍ୟ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

## ଭି.ପି. ଭିଜିଟ୍ - ଆନ୍ଧ୍ର

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲିଠାରୁ ଦୁଇଦିନିଆ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ଗସ୍ତ ସମୟରେ ଉପରାଷ୍ଟ୍ରପତି ଆସନ୍ତାକାଲି ବିଶାଖାପାଟଣାସ୍ଥିତ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ଯୋଗଦେବେ ।

## ଅଜିତ ଡୋଭାଲ୍ - ୟୁ.ଏ.ଇ.

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ସଂଯୁକ୍ତ ଆରବ ଏମିରେଟ୍ସ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହିଁୟାଙ୍କୁ ସାକ୍ଷାତ୍ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ୟୁ.ଏ.ଇ.ରେ ଥିବା ଭାରତୀୟ ଦୂତାବାସ କହିଛି, ଉଭୟ ପକ୍ଷ ବ୍ୟାପକ ରଣନୈତିକ ସହଭାଗିତା, ଆଞ୍ଚଳିକ ପରିସ୍ଥିତି ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି ।

## ପାକ୍ - ହଙ୍ଗର୍

ପାକିସ୍ତାନକୁ ବିଶ୍ୱର ସବୁଠାରୁ ଅଧିକ କ୍ଷୁଧାର ସମ୍ମୁଖୀନ ହେଉଥିବା ଶୀର୍ଷ ୧୦ଟି ଦେଶ ମଧ୍ୟରେ ସ୍ଥାନ ଦିଆଯାଇଛି । ଖାଦ୍ୟ ସଙ୍କଟ ଉପରେ ୨୦୨୬ ବିଶ୍ୱ ରିପୋର୍ଟରେ ଏହାକୁ ଆଫଗାନିସ୍ତାନ, ନାଇଜେରିଆ ଏବଂ ୟେମେନ୍ ଭଳି ଦେଶ ସହିତ ଖାଦ୍ୟାଭାବର ପ୍ରମୁଖ କେନ୍ଦ୍ର ଭାବେ ବିବେଚନା କରାଯାଇଛି । ୨୦୨୫ ମସିହାରେ ପାକିସ୍ତାନରେ ପ୍ରାୟ ୧ କୋଟି ୨୦ ଲକ୍ଷ ଲୋକ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଥିଲେ ବୋଲି ରିପୋର୍ଟରୁ ଜଣାପଡ଼ିଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜିର ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ’ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୧୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ୍ ଟାଇଟନ୍ସ ୧୬ ଓଭର୍ ୪ଟି ବଲରେ ୨ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ଆଜିର ଦ୍ୱିତୀୟ ମ୍ୟାଚ୍ ଆଉ କିଛି ସମୟ ପରେ ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବ । ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

*****